ସ୍ୱର୍ଗୀୟ ଭାବଗ୍ରାହୀ ବିଶ୍ୱାଳଙ୍କ ଜଲ ମକଦ୍ଦମା

କଟକକିଲ୍ଲା ଜଜ୍‌ସାହେବଙ୍କ ରାୟ

କଟକର ଜିଲା ଜଜ ରାୟ ଶେଷରେ ଲେଖିଛନ୍ତି—"ମକଦ୍ଦମାର ଏପରି ଅବସ୍ଥା ବା ବିବରଣରେ ଦୃଷ୍ଟିରେ ମୁଁ ମାନ୍ୟବର ବିଚାରପତି ସେ ଏ ଜଲଲ ମୃତ ଭାବଗ୍ରାହୀ ବିଶ୍ୱାଳ ତାଙ୍କ ଭାବଦଶାରେ ଜଳେ ଜଳ ନାହାନ୍ତି ଏବଂ ଏ ଜଲଲ ପ୍ରକୃତ ବା ସଳା ଜଲଲ ନୁହେ।"

ରାୟର ବିଶେଷ ବିବରଣ

ଜଜ୍ ସାହେବ ଲେଖିଛନ୍ତି—

"ଏହା ଗୋଟିଏ ପ୍ରବେଶ ମକଦ୍ଦମା। ୨୮ ବର୍ଷ ବୟସ୍କା ବିଧବା ନିଷ୍ପତ୍ତିପତ୍ର ଦେଇ ବାପାରୁପେ ତାଙ୍କ ମୃତସ୍ୱାମୀଙ୍କ ଜଲଲ ମଞ୍ଜୁର କରାଇବା ପାଇଁ ଦରଖାସ୍ତ କରିଛନ୍ତି। ସେ ଯେଉଁ ଜଲଲ ଉଇଲ ଓ ନିଷ୍ପତ୍ତି ପାଇଁ ଉପସ୍ଥାପିତ କରିଛନ୍ତି ସେଥିରେ ସମସ୍ତ ସମ୍ପତ୍ତି ତାଙ୍କର ହେଉଛି। ସେ ଭାବଗ୍ରାହୀଙ୍କର ପୁଲକେଇ ଉତ୍ତରାଧିକାରୀଙ୍କ ଅଜ୍ଞାତ ଅନ୍ତର ସ୍ୱଅ ଝିଅମାନଙ୍କର (ଯାହାଙ୍କର ତ ଅଇନ ଅନୁସାରେ ସମ୍ପତ୍ତିରେ ହକ୍ ବାସିବାର) ଭରଣପୋଷଣ, ଶିକ୍ଷା ଓ ବିବାହାଦି ବ୍ୟୟ ଚଳାଇବେ। କେତେକ ସମ୍ପତ୍ତି ମଧ୍ୟ ଦାନ୍ତ୍ରରେ ଗୁରୁର ବାଦର ଓ ତାଙ୍କ ଉପରେ ଜର୍ଜରକରି ଚଳୁଥିବା ଅନ୍ୟାନ୍ୟ କେତେକଙ୍କୁ ଦିଆଯିବାର ବ୍ୟବସ୍ଥା ହୋଇଛି। ଏଥିରେ ମଧ୍ୟ କିଛି ଗୁଡ଼ା ସ୍ୱରୂପ ଦାନ କେବାର ବ୍ୟବସ୍ଥା କରାଯାଇଛି।

"ପ୍ରବେଶ ପାଇଁ ଦିଆଯାଇଥିବା ଦରଖାସ୍ତର ତାରିଖ ହେଉଛି ୧୮।୮।୧୯୩୩। ପ୍ରଦର୍ଶିତ (୨) ଉଇଲର ତାରିଖ ହେଉଛି ୧୪।୬।୩୩; ଏବଂ ଉଇଲକର୍ତ୍ତା ମରିବା ତାରିଖ ହେଉଛି ୩୦।୬।୩୩। ବାପା ଦରଖାସ୍ତକାରୀ ଦେଇଥିବା ହିସାବ ଅନୁସାରେ ସମ୍ପତ୍ତିର ମୂଲ୍ୟ ବା ତାଦାଦ ହେଉଛି ଟ ୧୦,୬୬୦।/ (ଏକଲକ୍ଷ, ଛ ହଜାର, ଛ ଶହ ଆଠ, ଗୋଟିଏ) ବିଲଟର ସାହେବଙ୍କ ହିସାବରେ ମୂଲ୍ୟ ହେଉଛି ଟ ୧,୧୭,୧୯୯୩। ଏପର୍ଯ୍ୟନ୍ତ ଏ ପ୍ରବେଶ ପାଇଁ ଯେ ପ୍ରବେଶ ଦେବାର କଥା ତାହା ଦିଆ ହୋଇନାହିଁ। ବାପା ଦରଖାସ୍ତକାରୀ ପ୍ରବେଶ ମଞ୍ଜୁର ହିଆଯିବା ପୂର୍ବରୁ ପ୍ରବେଶ ବାଖଲ କରିବାକୁ ବାପାଙ୍କୁ ସୁବିଧା ଦିଆଯାଇଛି।

"ଉଇଲକର୍ତ୍ତା ଭାବଗ୍ରାହୀ ବିଶ୍ୱାଳ ୨୦ବର୍ଷରୁ ଊର୍ଦ୍ଧ୍ୱ ବୟସର ଯୁବକ ଥିଲେ। ଦରଖାସ୍ତକାରୀ ବାପା ତାଙ୍କର ଭଗ୍ନୀପତି ବିବାହିତ ଥିଲା। ପୁଅ ଦୁଇ ବିବାହିତ ଭାର୍ଯ୍ୟା ମରି ଯାଇଛନ୍ତି। ଭାବଗ୍ରାହୀଙ୍କର ମଧ୍ୟ ପୁଲକେଇ ଭାର୍ଯ୍ୟା ନାମରେ ଅଳ୍ପ କେତେକ ଭାର୍ଯ୍ୟା ଥିଲେ। ବାପାଙ୍କ କହିବାରୁ ଜଣାଯାଏ ଯେ ସେ ଭାର୍ଯ୍ୟାମାନଙ୍କ ସଙ୍ଗେ ସେ କେବଳ ଘୁଲମାଲ ଦିଅ ନିଅ କରିବା ସୂତ୍ରରେ ବିବାହ ଉତ୍ସବ ସମ୍ପନ୍ନ କରିଥିଲେ। ମୁଁ ଏଠାରେ ସଙ୍ଗେ ସଙ୍ଗେ କହିରଖେ ଯେ ଏମାନେ ତାଙ୍କର ବିବାହିତ ଭାର୍ଯ୍ୟା ନୁହନ୍ତି। ଏପରିକି ବାପାଙ୍କ ପକ୍ଷର ସାକ୍ଷୀମାନେ ସ୍ୱୀକାର କହିଛନ୍ତି ଯେ ଏ ପୁଲକେଇ ସ୍ତ୍ରୀମାନଙ୍କ ଅଜ୍ଞାତ ଜନ୍ମିତ ପିଲାମାନେ ଠିକ ଔରସ ସନ୍ତାନ ନୁହନ୍ତି। ବର୍ତ୍ତମାନ ଏ ଘଟଣାରେ ଏପରି ଉନୋଟି ସନ୍ତାନ ସମ୍ପୃକ୍ତ ରହିଛନ୍ତି। ସେମାନଙ୍କ ନାମ ହେଉଛି ଦାମୋଦର, ସୀମାଦ୍ରିବିହାରୀ ଓ ଶ୍ୟାମାଦ୍ରିବିହାରୀ। ଦାମୋଦ୍ରର ମା ଯେ ବିଏ ଏକଥା ପ୍ରକୃତରେ ଜଣା ପଡ଼ୁନାହିଁ। ନାବାଳକ ସୀମାଦ୍ରି ଓ ଶ୍ୟାମାଦ୍ରିଙ୍କ ମା'ର ନାମ ଚନ୍ଦ୍ରକଳା ଦାସୀ,। ୧୮।୮।୩୩ ତାରିଖର ପ୍ରବେଶ ଦରଖାସ୍ତରେ ଉଇଲ କର୍ତ୍ତାଙ୍କର ଫୁଲକେଇ ଭାର୍ଯ୍ୟାମାନଙ୍କ ଅଜ୍ଞାତ ଜନ୍ମିଥିବା ଏହି ତିନି ପିଲାଙ୍କୁ ଏକମାତ୍ର ଓ୍ୟାରିସବାର ଉତ୍ତରାଧିକାରୀ ବୋଲି ଲେଖାଯାଇଛି। ପ୍ରଥମେ ଯେ ପ୍ରବେଶ ଦରଖାସ୍ତ ଦିଆ ହୋଇଥିଲା ତାହା ମୂଳରୁ ଠିକ ନଥିଲା। ଆପତ୍ତିଙ୍କରେ ସେଥିର ଦୋଷରୁ ଦେଖାଇ ଦେବାରେ ବାପାପକ୍ଷ ତାହା ସଂଶୋଧନ କରିଦେଲେ। ୨୨।୧୨।୩୩ ତାରିଖ ଗଗନ ବିହାରୀ ଶେଠ ଭାବଗ୍ରାହୀଙ୍କ ଗୋପ୍ୟପୁତ୍ର ଭାବରେ ଆପତ୍ତି ଦରଖାସ୍ତ ଦାଖଲ କଲେ। ସେ ଦୌଣସି ସଳା ଉଇଲଥିବା କଥା ଏକାବେଳକେ ଅସ୍ୱୀକାର କରି, ଦାଖଲ ହୋଇଥିବା ଉଇଲରୁ ଜାଲ ଏବଂ ଭାବଜଦରେ କରାଯାଇଛି ବୋଲି ଅଭିଯୋଗ କଲେ। ତାଙ୍କର ଆପତ୍ତି ଦରଖାସ୍ତରେ ମଧ୍ୟ ଲେଖାଥିଲା ଯେ ମୃତ ଭାବଗ୍ରାହୀ ରାୟ ସମସ୍ତ ଦୃଷ୍ଟିରୁ ସୁସ୍ଥ ସାରିଥିଲେ ଓ ତାଙ୍କର ମଧ୍ୟ ଅଭ୍ୟାସ ବ୍ୟାଧି ଥିଲା। ୧୭।୩।୩୪ରେ ଚୌଧୁରୀ ନବଘନ ସାମନ୍ତ ସିଂହାର ଭାବଗ୍ରାହୀଙ୍କ ଝିଅର ଗୋପ୍ୟପୁତ୍ରରୂପେ ସ୍ୱୀକୃତି ଏକ ଆପତ୍ତି ଦରଖାସ୍ତ ଦାଖଲ କଲେ। ତାଙ୍କର ମଧ୍ୟ ଦାବୀ ଯେ ମୃତ ଭାବଗ୍ରାହୀ ଚୌଣସି ଉଇଲ କରି ଯାଇ ନାହାନ୍ତି। ଯେଉଁ ଉଇଲ ମଞ୍ଜୁର କରିବା ପାଇଁ ଦାଖଲ ହୋଇଛି ସେ ତାଙ୍କ ମଧ୍ୟ ମଥ୍ୟା ଓ ଜାଲ ଦଲିଲ ବୋଲି ବର୍ଣ୍ଣନା କରିଛନ୍ତି। ଏ ଆପତ୍ତି ଦରଖାସ୍ତରେ ମଧ୍ୟ ଲେଖାଅଛି ଯେ ମୃତ ଭାବଗ୍ରାହୀ ମରିବା ପୂର୍ବରୁ ତାଙ୍କର ଦୃଷ୍ଟିଶକ୍ତି ହରାଇଥିଲେ ଏବଂ ପକ୍ଷାଘାତ ରୋଗରେ କଷ୍ଟ ପାଉଥିଲେ। ତାପରେ ୨୦।୩।୩୪ରେ ବିନୋଦବିହାରୀ ବିଶ୍ୱାଳ, ରାସବିହାରୀ ବିଶ୍ୱାଳ, ସାବାଳକମାନେ ଏବଂ ଶାଳାଦ୍ରିବିହାରୀ ବିଶ୍ୱାଳ ଓ ଦ୍ୱିଜବିହାରୀ ବିଶ୍ୱାଳ ନାବାଳକଙ୍କ ତରଫ ମାତା ମାହାଙ୍ଗିର ଗୋମଗ ଦେବୀ ମଧ୍ୟ ଆପତ୍ତି ଦରଖାସ୍ତ ଦାଖଲ କଲେ। ଏ ଦରଖାସ୍ତରେ ଦାବୀହେଲା ଯେ ଦରଖାସ୍ତକାରୀମାନେ ମୃତ ଭାବଗ୍ରାହୀଙ୍କ ସହୋଦର ଭାଇଙ୍କର ସନ୍ତାନ ଅଟନ୍ତି। ସେମାନେ ମଧ୍ୟ ଲେଖି ଲେ ଯେ ଏ ଉଇଲ ଜାଲ ଅଟେ।

"ଏ ମକଦ୍ଦମାରେ ପ୍ରଧାନ ପ୍ରତିପକ୍ଷ ହେଉଛନ୍ତି ଗଗନବିହାରୀ ବିଶ୍ୱାଳ। ମୁଁ ତ ଏଥରୁ କହି ସାରିଛି ଯେ ଗଗନବିହାରୀ ମୃତ ଭାବଗ୍ରାହୀଙ୍କର ଗୋପ୍ୟପୁତ୍ର ବୋଲି ଦାବୀ କରନ୍ତି। ତାଙ୍କର ଗୋପ୍ୟପୁତ୍ର ହୋଇଥିବା ବିଷୟରେ ମଧ୍ୟ ଅଭିଯୋଗ ବା ବିଚାର ଏ ମକଦ୍ଦମା ସଂକ୍ରାନ୍ତରେ ହୋଇ ନାହିଁ, କାରଣ ବାପା ନିଷ୍ପତ୍ତିପତ୍ର ସ୍ୱୀକାର କରି କହିଲେ ଯେ ଏ ମକଦ୍ଦମା ଫଳତଃ ସେ ତାଙ୍କୁ ଗୋପ୍ୟପୁତ୍ର ବୋଲି ମାନି ନେଉଛନ୍ତି। ମୋର ମନେହୁଏ ମୁଖ୍ୟ ପ୍ରତିବାଦୀ ଗଗନବିହାରୀଙ୍କ ଦରଖାସ୍ତ ବିଷୟର କେତେକ ବିଶେଷ ବିବରଣ ଏଠାରେ ଉଲ୍ଲେଖ କରିବା ଉଚିତ। ତାଙ୍କ ଆପତ୍ତି ଦରଖାସ୍ତରେ ସେ ଯେ ବିବରଣ ଦେଇଛନ୍ତି ତାହାର ସଂକ୍ଷିପ୍ତ ବିବରଣୀ ନିମ୍ନରେଖିତ ପ୍ରକାରର :—

"ବାବୁ ଭାବଗ୍ରାହୀ ବିଶ୍ୱାଳ ଯାଜପୁର ସବ୍‌ଡିଭିଜନ ପ୍ରତିଶ୍ରୁତିଦିବ ଗ୍ରାମର ଲୋକ। ତାଙ୍କର ସେଠାରେ କିଛି ଜମିଦାରୀ ଥିଲା। ପ୍ରଥମେ ସେ ଦସ୍ୟପଲ ଗ୍ରାମଜାତ ବ୍ରାହ୍ମଣରେ ଦେଓ୍ୟାନ ରୂପେ କାମ କରୁଥିଲେ। ସେ କାର୍ଯ୍ୟରୁ ସ୍ଥାୟୀ ଅବସର ନେଇସାରିବାର ପରେ ଅସିଥିଲେ। ଗଗନ ବିହାରୀ ବିଷୟ ଯେତେବେଳେ ମୋଟେ ୪ ବର୍ଷ ସେତେବେଳେ ତାଙ୍କୁ ଭାବଗ୍ରାହୀ ଗୋପ୍ୟପୁତ୍ର କରିଥିଲେ। ଭାବଗ୍ରାହୀ ବାବୁ ତାଙ୍କୁ ବିଦ୍ୟାଳୟରେ ପାଠ ପଢ଼େଇ ଥିଲେ। ଯେତେବେଳେ ତାର ପାଠପଢ଼ା ଶେଷ ହେଲା ସେତେବେଳେ ସେ ତାଙ୍କୁ ତାଙ୍କ ଜମିଦାରୀ ଗ୍ରାମକୁ ସେଠା ସମ୍ପତ୍ତିବାଡ଼ିର ଦେଖା ଶୁଣା କରିବାକୁ ପଠାଇ ଦେଲେ। ଭାବଗ୍ରାହୀ ବାବୁ ଦୁଇଥର ବିବାହ କରିଥିଲେ। ମାତ୍ର ସେ ଦୁଇଜଣ ପାଚି ମରି ଯାଇଥିଲେ। ସେ ୧୯୨୬ ମସିହାରେ ପୁଣି ତୃତୀୟ ଥର ପାଇଁ ବିବାହ କଲେ। ଦସପଲ୍ଲରେ ଥିବାବେଳେ ଭାବଗ୍ରାହୀ ବାବୁ ସ୍ୱଭାବ ଅନୁସାରେ ସ୍ତ୍ରୀଲୋକଙ୍କୁ ରକ୍ଷିତା ରୂପେ ରଖିଥିଲେ ଏବଂ ସେମାନଙ୍କ ଅଜ୍ଞ. ତାଙ୍କର ଚେତେକ ପିଲାପିଲି ହୋଇଥିଲେ। ୧୯୨୮ରେ ଭାବଗ୍ରାହୀ ବାବୁ ଯେତେବେଳେ ତାଙ୍କର ଶ୍ୱଶୁରରୁ ଅବ୍ୟାହତି ନେଇ ଘରରେ ରହିବା ପାଇଁ ଅସିଲେ ସେତେବେଳେ, ତାଙ୍କ ସାଙ୍ଗରେ ଉପରୋକ୍ତ ଭାବରୁ କେତେଜଣ ମଧ୍ୟ ତାଙ୍କଅଡ଼ି ପିଲାପିଲିଙ୍କୁ ଧରି ତାଙ୍କ ସାଙ୍ଗେ ଅସିଲେ। ଭାବଗ୍ରାହୀ ଯାଜପୁର ସବ୍‌ଡିଭିଜନର ତାଙ୍କ ଦେହଳ ଗ୍ରାମଠାରେ ମଲେ। ସେ ମରିବାର କେତେଦିନ ପରେ ଭାବଗ୍ରାହୀଙ୍କ ସ୍ତ୍ରୀମାନ୍ତା ରସାନନ୍ଦ ଜେନା ଜାଲଜାଲ ଉଇଲଟିଏ ଦାଖଲ କରିବାର ଚେଷ୍ଟା କଲା, ମାତ୍ର ସେ ଚେଷ୍ଟା ବିଫଳ ହେବାରୁ ରସାନନ୍ଦ କଟକ ଅସି କେତେକ ଫିସାଦିଆ ଲୋକଙ୍କର ସାହାଯ୍ୟ ନେଇ ତାଙ୍କୁ ଠକାଦ୍ୱାରା ଜଣକର ବର୍ତ୍ତମାନର ବାପା ପକ୍ଷରୁ ଦାଖଲ ହୋଇଥିବା ଉଇଲ ଜାଲ କରି ତିଆରି କଲା।"

(କ୍ରମଶଃ)

ଶିକ୍ଷକଙ୍କ ଦୁରବସ୍ଥା

ଗଳଦାସ୍ତ, ତା ୧୧।୨।୩୫

ବାଲିକୁଦା ଥାନା ଅନ୍ତର୍ଗତ ଗଳଦାସ୍ତ ଗ୍ରାମଟି ଖୁବ୍ ବଡ଼ମୌଜା ଥିବାରୁ ସେଠା ସ୍କୁଲରେ ପୂର୍ବେ ଦୁଇଟି ଶିକ୍ଷକଙ୍କ ଛାଉଣି ଥିଲା। ଉଚ୍ଚବର୍ଗ ହେଲା ସେ ଗ୍ରାମଟି ଶିକ୍ଷକ ଅଭାବରୁ ବହିଯାଇ ଥିଲା। ଗତବର୍ଷ ଜାନୁୟାରୀ ମାସରେ ସେ ଗ୍ରାମରେ ଦୁଇଟି ସ୍କୁଲ ହେଉଥିବାର ଦେଖି ସର୍କଲ ସବ୍‌ଇନସ୍‌ପେକ୍ଟରଙ୍କ ଅନ୍ୟ ସ୍କୁଲଟିକୁ ଅଣି ଛାଉଣିଥିବା ସ୍କୁଲସଙ୍ଗେ ମିଶାଇଦେଲେ ଏବଂ ସ୍କୁଲର ଶିକ୍ଷକ ଶ୍ରୀ ଧୂଳେଶ୍ୱର ମଲିକଙ୍କୁ ଗ୍ରାମ ମଞ୍ଜୁର କରାଇ ଦେବେ ବୋଲି ଅଶ୍ୱାସନା ଦେଲେ। ପୁଣି ଅଳ୍ପଦିନ ତଳେ ଜିଲ୍ଲାବୋର୍ଡ ସଭ୍ୟ ଶ୍ରୀ ବାଳକିଶୋର ଦାସ ଏ ସ୍କୁଲଟି ପରିଦର୍ଶନ କରି ଯାଇଛନ୍ତି। ଏ ସ୍କୁଲଟିରେ ୫୦ଟି ଛାତ୍ର ପାଠ ପଢ଼ୁଛନ୍ତି। ଏକଥା ଜିଲ୍ଲାବୋର୍ଡ ଚେୟାରମ୍ୟାନଙ୍କ ଠାରୁ ଅଇମୁଜିଦ ଅଧିକାଂଶ ସଭ୍ୟ ଜାଣିଲେଣି। ତଥାପି ଗରିବଙ୍କ ଫରିଆଦି ଶୁଣୁଛି କିଏ ? ଧୋପା ଅଞ୍ଚଳରେ ଜଣେ ଶିକ୍ଷକ ବର୍ଷ ୨ ଧରି ବିନା ବେତନରେ କାର୍ଯ୍ୟ କେତେଦିନ କରିବେ ?

ଜିଲ୍ଲାବୋର୍ଡ ଏ ବିଷୟରେ ଦୃଷ୍ଟିପାତ କରିବେ ବୋଲି ଅଶାକରୁଁ।

ବନ୍ଧପୋଡ଼ି

ଦୁଃଖର କଥା ଯେ ଗଳଦାସ୍ତ ବନ୍ଧଟି ମରାମତି ଦରକାରେ ବାରମ୍ବାର ଭାଙ୍ଗି ଯାଉଛି। ବାର୍ଷିକ ଭରସା ଦେଇ ନାହାନ୍ତି। କାର୍ଯ୍ୟକର୍ତ୍ତା ଭାଇଙ୍କେ କହିଲେ, ଶ୍ରମଦାନୀମାନେ ତାହା କରିଦେବେ। ଗ୍ରାମବାସୀମାନେ ଗତ ବନ୍ୟାବେଳେ ସରକାରଙ୍କ ପରିତ୍ୟକ୍ତ ବନ୍ଧଟି ଖାଳନ ଉଚ୍ଚଳେ ପକାଇଥିଲେ ବୋଲି ଏଥର ପଣ୍ଡାବ ପଣ୍ଡାବ ଧାନ ଖାଇଛନ୍ତି। ସରକାର ତ ଗଳଦାସ୍ତ ଖାଲ ବନ୍ଧାଇବେ ନାହିଁ, ପୁଣି ବୋଲୁଛି ପରେ ନଲିତା ବିଭାଗର ତାଙ୍କ ନିଜବନ୍ଧରୁ ଖେତିନିବର ଲୋକଙ୍କ ଉପରେ ଲଦି ଦେବାଟା କଣ ଉଚିତ ବିଚାର ହେଲା ? ଏ ବନ୍ଧ ନ ହେବାଦ୍ୱାରା ଏତରତା, ଗଳଦାସ୍ତ, ଜୁଅଙ୍ଗ, ସ୍ୱନର୍ଦ୍ଧା ଇତ୍ୟାଦି ମୌଜାର ଲୋକେ କଷ୍ଟରେ ତ ? ଏଥିପ୍ରତି କର୍ତ୍ତୃପକ୍ଷ ଦୃଷ୍ଟି ଅକର୍ଷଣ କରୁଁ।

ଭାଲଚେରୁରେ କଳକାରଖାନା

ଭାଲଚେର, ୧୦।୨।୩୫

ଏଠାରେ ସଂପ୍ରତି ଶ୍ରୀମାନ ପ୍ରମୋଦଚନ୍ଦ୍ର କେବଳ ଙ୍କ ଦ୍ୱାରେ ଗୋଟିଏ ଅଧିକ ଚାରଖାନା ସ୍ଥାପିତ ହୋଇ ଭଲ ଭାବରେ ଚାଲିଅଛି। ଜିଲ୍ଲାରେ ଗୋଟିଏ ଚାରଖାନା ଖୋଲିବାର ଅଶା ଅଛି।

ସମ୍ବଲପୁର ସମ୍ବାଦ

ଶ୍ରୀଯୁକ୍ତ ମହାବୀର ସିଂହଙ୍କ ପରଲୋକ

ସମ୍ବଲପୁର, ତା ୧।୨।୩୫

ଶ୍ରୀଯୁକ୍ତ ମହାବୀର ସିଂହ ତା ୫।୨।୧୯୩୫ ଅପରାହ୍ନ ପ୍ରାୟ ୩ଟା ବେଳେ ଇହଲୀଳା ଶେଷ କରି ଯାଇଛନ୍ତି। କେତେଦିନ ଅପରୁ ସେ ଶରୀରଭିତରେ ପୀଡ଼ା ଓ ମୁଣ୍ଡବ୍ୟଥା ଭୋଗ କରୁଥିଲେ। ତା ୫।୨।୧୯୩୫ ଦିନ ପ୍ରାୟ ୧୨ଟା ବେଳେ ଛାଡ଼ା ଫେରିବାପାଇଁ ନିଜସ୍ୱ ଘୋଡ଼ାରେ ପଳାଇଥିଲେ, କିନ୍ତୁ ସେଠାରୁ ଫେରିବାପାଇଁ ଅସମର୍ଥ ହୋଇ ପଡ଼ିଲେ। ଅସ୍ତେ ଅସ୍ତେ ତାଙ୍କର ଅଚୈତନ୍ୟ ଅବସ୍ଥା ହୋଇ ଦିନ ପ୍ରାୟ ୩ଟା ବେଳକୁ ମହାନିଦ୍ରାରେ ଅଭିଭୂତ ହେଲେ।

ମହାବୀର ସିଂହ ୧୯୨୧ ସାଲରୁ ଅସହଯୋଗ ଅନ୍ଦୋଳନରେ ଯୋଗ ଦେଇ ଜିଲ୍ଲାର ଜେଲ ବରଣ କରୁଥିଲେ। କର୍ମୀ ଓ ନେତାମାନଙ୍କୁ ସତ୍କାର କରିବାରେ ସେ ବଡ଼ ଆନନ୍ଦ ଅନୁଭବ କରୁଥିଲେ। ୧୯୨୧ ସାଲ ବର୍ଷକ ସାରା ୨ଜଣ କର୍ମୀଙ୍କୁ ନିଜ ଖର୍ଚ୍ଚରେ ଘରେ ରଖି ଆରସ୍ତୁଗୁଡ଼ା ଓ ଲଇଚେରୁ ଥାନାରେ ଜାତୀୟ ପ୍ରଚାର କାର୍ଯ୍ୟ ଚଳାଇ ଥିଲେ। ଅନେକ ଦିନ ଘର କାର୍ଯ୍ୟରେ ବ୍ୟସ୍ତ ଥିଲେ। ସେ ଓ ତାଙ୍କ ସ୍ତ୍ରୀ ଜମକ ଜାନକୀ ବାଈ କେବଳ ମାତ୍ର ଦୁଇଜଣ ଏ ଜିଲ୍ଲାରୁ ଜଣେ ଜଣେ ଜେଲ ଯାଇ ଫେରିବା ପରେ ଜଣ ଜଣ ଜାତୀୟ ସ୍ୱେଚ୍ଛାସେବକ ହୋଇ ରହିଥିଲେ। ତାଙ୍କ ଘର ଦୁଆରୁ ହରିଜନମାନେ ଅବାଧରେ ଜଳ ବ୍ୟବହାର କରିବାର ସୁଯୋଗ ପାଇଥିଲେ ଓ ତାଙ୍କ ଘର ହତାଇତରେ ପୂଜା ସିଦ୍ଧେଶ୍ୱର ମନ୍ଦିରରେ ହରିଜନଙ୍କୁ ପୂଜା କରିବାର ଅଧିକାର ଦେଇଥିଲେ। ସମ୍ବଲପୁରବାସୀ ଏହିଭଳି ଜଣେ କର୍ମୀଙ୍କୁ ହରାଇ ଦୁଃଖିତ। ତାଙ୍କର ଶୋକସନ୍ତପ୍ତ ପରିବାର ବର୍ଗଙ୍କୁ ଏହାଦ୍ୱାରା ସମବେଦନା ଜ୍ଞାପନ ପୂର୍ବକ ସ୍ୱର୍ଗୀୟ ଆତ୍ମାର ସଦ୍ଗତି ବିଧାନ ନିମନ୍ତେ ଭଗବାନଙ୍କଠାରେ ପ୍ରାର୍ଥନା କରୁଅଛୁଁ।

ହରିଜନ ଟେକ୍‌ନିକାଲ ବିଦ୍ୟାଳୟ

ତା ୨।୨।୧୯୩୫ ବୁଧବାର ସନ୍ଧ୍ୟାରେ ଶ୍ରୀଯୁକ୍ତ ନୃସିଂହପ୍ରସାଦ ଓ ବାବୁ ମୋହନ ନାୟକ ଯାଇ ପେନ୍‌ସିନ ପଡ଼ା ହରିଜନ ବସ୍ତି (ମେଥେନ୍ତର ସାହିରେ) ଏକ ହରିଜନ ନୈଶ ବିଦ୍ୟାଳୟ ଉଦ୍ଘାଟନ କରିଅଛନ୍ତି। ଏଠାରେ ପଢ଼ିବାକୁ ଇଚ୍ଛୁକ ଥିବା ଲୋକଙ୍କ ମଧ୍ୟରୁ ଅନେକ ବୟସ୍କ ଓ ୪ଜଣ ବାଳକ ଅଛନ୍ତି। ବାବୁ ସୌରେନ୍ଦ୍ର ନାଥ ମଜୁମଦାର ଏମାନଙ୍କୁ ଶିକ୍ଷା ଦେବାପାଇଁ ରାଜି ହୋଇଥିବାରୁ ତାଙ୍କୁ ଅନ୍ତରିକ ଧନ୍ୟବାଦ ଜ୍ଞାପନ କରୁଅଛୁଁ। ବିଦ୍ୟାଳୟ ଉଦ୍ଘାଟନ ବେଳେ ବାବୁ ମୋହନ ନାୟକ (ହରିଜନ) ସୁନ୍ଦର ମଧୁରସ୍ୱରରେ ଲୋକଙ୍କୁ ଜଣା, ଜୁଅ, ଗୋମାଂସ ବର୍ଜନ ସମ୍ବନ୍ଧେ ଉଦ୍ବୋଧନ କରିଥିଲେ।

ସରସ୍ୱତୀ ପୂଜା

ସମ୍ବଲପୁର ବିଦ୍ୟାଳୟ ଗୁଡ଼ିକରେ ତା ୨ ରଖ ଦିନ ସରସ୍ୱତୀ ପୂଜା ହୋଇ ଯାଇଅଛି। ଅନ୍ୟାନ୍ୟ ଛାତ୍ରଙ୍କ ସଙ୍ଗରେ ହରିଜନ ଛାତ୍ରମାନେ ମଧ୍ୟ ବସି ପୂଜା ଦେଖିବାର ସୁଯୋଗ ପାଇଥିଲେ।

ତା ୮ ରଖ ଦିନ କାଲି ମନ୍ଦିରରେ ବଙ୍ଗାଳୀ ଭଦ୍ରବ୍ୟକ୍ତିଙ୍କର ସରସ୍ୱତୀ ପୂଜା ହୋଇଥିଲା। ପୂଜା ଶେଷରେ ଚନ୍ଦ୍ରମ୍ମ ଦାସ ନାମକ ଜଣେ ହରିଜନ ଛାତ୍ର ୨।୩ଟି ଗାନ ଗାଇଥିଲେ। ଛାତ୍ରଟିର ଗାନରେ ଦର୍ଶକ ମଣ୍ଡଳୀ ମୁଗ୍ଧ ହୋଇଥିଲେ ଓ ତାହାକୁ ସାଙ୍ଗରେ ନେଇ ପ୍ରସାଦ ସେବନ କରିଥିଲେ।

ସାହିତ୍ୟ ସମ୍ବାଦ

ସମ୍ବଲପୁର ନିବାସୀ ଅଖିଳବନ୍ଧୁ ସାହିତ୍ୟସେବୀ ଡାକ୍ତର ଶ୍ରୀ ଲକ୍ଷ୍ମଣ ରଥ ମହାଶୟ ବହୁଶ୍ରମ ସ୍ୱୀକାର ପୂର୍ବକ "ଶ୍ରୀଯୋଗବାଶିଷ୍ଠରାମାୟଣ" ନାମକ ଏକ ବିରାଟ ଗ୍ରନ୍ଥ ସାଙ୍ଗଣ୍ଡ ଉତ୍କଳ ସଦ୍ୟ ଅଗାରରେ ପ୍ରଣୟନ କରିଅଛନ୍ତି। "ଶ୍ରୀଯୋଗବାଶିଷ୍ଠରାମାୟଣ" ସହ ଅତି ଉପାଦେୟ ଗ୍ରନ୍ଥ ଓଡ଼ିଆ ଭାଷାରେ ଏ ପର୍ଯ୍ୟନ୍ତ ପ୍ରଣୟନ ହୋଇ ନଥିଲା। ଡାକ୍ତରବାବୁ ଏହା କରିବାଦ୍ୱାରା ଓଡ଼ିଆ ଭାଷାର ଗୋଟିଏ ମହତ୍ତ୍ୱ ଅଭାବ ପୂରଣ କରି ପାରିଛନ୍ତି, କିନ୍ତୁ ଏହେତୁ ଏକ ବିରାଟ ଗ୍ରନ୍ଥର ମୁଦ୍ରଣ ପାଇଁ ସ୍ୱଳ୍ପ ମହ। ବିଦ୍ୟାମାନଙ୍କ ସାହାଯ୍ୟ ଅବଶ୍ୟକ। ଡାକ୍ତରବାବୁ ଉକ୍ତ ବିରାଟ ଗ୍ରନ୍ଥର ମୁଦ୍ରଣ ପାଇଁ ରେଙ୍ଗାରେ ବର୍ତ୍ତମାନ ଗାଣ୍ଠଣୀ ମହାରାଜାଙ୍କ ନିକଟରେ ଆବେଦନ କରିଅଛନ୍ତି। ଅଶାକରୁଁ ମହାରାଜାସାହେବ ଏହି ମହତ୍ତ କାର୍ଯ୍ୟରେ ଅପଣାର ବଦାନ୍ୟତା ପ୍ରଦର୍ଶନ ପୂର୍ବକ ଜାତି ତଥା ଭାଷାର ଗୌରବ ଅକ୍ଷୁଣ୍ଣ ରଖିବେ।

ପ୍ରଦର୍ଶନୀ ବିଜ୍ଞାପନ

ଓଡ଼ିଶା କୃଷିଶିଳ୍ପ ପ୍ରଦର୍ଶନୀ

ପରସ୍କାର ବିତରଣ

ଅଗାମୀ ୧୩ ତାରିଖ ଦିନ ୪ଟା ବେଳେ ପ୍ରଦର୍ଶନୀ ପ୍ରଦେଶର ରଙ୍ଗମଞ୍ଚଠାରେ ପ୍ରଦର୍ଶନୀରେ ଯେଉଁମାନେ ପେଟାଳ ବା ସାର୍ଟିଫିକେଟ ପାଇଛନ୍ତି ସେମାନଙ୍କୁ ତାହାରୁ ଦିଆଯିବ। ପୁରସ୍କାର ପାଇଥିବା ବ୍ୟକ୍ତିମାନେ ୩ଟା ବେଳେ ରଙ୍ଗମଞ୍ଚଠାରେ ଉପସ୍ଥିତ ହେବା ଆବଶ୍ୟକ। ଏ ସମ୍ବନ୍ଧରେ ସମ୍ବାଦପତ୍ର ହେବାପାଇଁ ମଧ୍ୟପୁରର ରାଜା ସାହେବଙ୍କୁ ଅନୁରୋଧ କରି ପାରିଅଛି।

ଏ, ଏସ, ଏନ, ମୂର୍ତ୍ତି
ସମ୍ପାଦକ

ସମ୍ବଲପୁର ସମ୍ବାଦ

ମ୍ୟୁନିସିପାଲିଟିଙ୍କ ଅବିଚାର

ସମ୍ବଲପୁର, ତା ୮।୨।୩୫

ଚଳିତ ମାସ ତା ୨ ରଖ ସନ୍ଧ୍ୟାରେ ସ୍ଥାନୀୟ ମ୍ୟୁନିସିପାଲିଟି କମିଶନରମାନଙ୍କ ସଭାରେ ବିଚାରିତ, ବେଆଇନୀ, ଭୂତାପଡ଼ା, ଗୋଲେଇରଣ ଆଦି ସ୍ଥାନ ସବୁକୁ ମ୍ୟୁନିସିପାଲିଟି ସୀମା ମଧ୍ୟରେ ନେବାପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ଏ ପ୍ରସ୍ତାବ ଗ୍ରହଣ କରିବାପାଇଁ ଦୁଇଜଣ ମ୍ୟୁନିସିପାଲିଟୀ କମିଶନର ଶ୍ରୀଯୁକ୍ତ ବୃଦ୍ଧାବରଣ ଦାସ ପ୍ରଭୃତି ଉଦ୍ୟୋଗ କରିଥିଲେ। ଏହିମଧ୍ୟରେ ଏ ସବୁ ସ୍ଥାନ ମ୍ୟୁନିସିପାଲିଟି ସୀମା ମଧ୍ୟରେ ନେବା ଉଚିତ କି ନା ଦେଖିବାପାଇଁ ଗୋଟିଏ ସବ୍ କମିଟୀ ଗଠିତ ହୋଇଥିଲ